୦୭/୦୪/୧୯୯୯

# ପୁଣି ଶାଳମଂଜି ରାଜନୀତି

ଶାଳମଂଜି ସଂଗ୍ରହ ସଂପର୍କରେ ସରକାର ତାଂକର ନୀତିରେ ପରିବର୍ତନ କରିବାକୁ ଯାଉଛଂତି ଏବଂ ଏ ପରିବର୍ତନ ପଛରେ ରାଜ୍ୟ ବାହାରର କେତେକ ଘରୋଇ ବ୍ୟାବସାୟିକ ସଂସ୍ଥାର ସ୍ୱାର୍ଥ ଓ ହାତ ଅଛି ବୋଲି ସଂଦେହ ପ୍ରକାଶ ପାଇଛି । ଓଡ଼ିଶାର ସ୍ୱାର୍ଥ ଦୃଷ୍ଟିରୁ ଏ ସଂପର୍କରେ କେତୋଟି ଦିଗ ପ୍ରତି ସରକାରଂକର ଦୃଷ୍ଟି ଆକର୍ଷଣ କରିବା ଆମର କର୍ତବ୍ୟ ବୋଲି ମନେ କରୁଛୁ ।

ଜଂଗଲଜାତ ଦ୍ରବ୍ୟକୁ ନେଇ ନୀତି ନିର୍ଧାରଣ କରିବା ଏକ ସ୍ପର୍ଶକାତର ବିଷୟ । କାରଣ ଏଥିରେ ଜଂଗଲ ସଂପଦର ଉପଯୁକ୍ତ ବିନିଯୋଗ ସହିତ ଜଂଗଲରେ ରହୁଥିବା ଓ ତା ଉପରେ ସଂପୂର୍ଣ ନିର୍ଭର କରୁଥିବା ଆଦିବାସୀ ଭାଇ ଭଉଣୀମାନଂକର ସ୍ୱାର୍ଥ ରକ୍ଷା ମଧ୍ୟ ଜଡିତ । ପୁଣି ଜଂଗଲ ଜାତ ଦ୍ରବ୍ୟକୁ ଆଧାର କରି ଓଡ଼ିଶାରେ ଯେଉଁ କେତେକ ଶିଳ୍ପ ଗଢ଼ି ଉଠିଛି ସେଗୁଡିକର ସ୍ୱାର୍ଥରକ୍ଷା ମଧ୍ୟ ଆବଶ୍ୟକ ।

ବିଗତ ବର୍ଷ ଗୁଡିକରେ ଏହି ତିନଟି ଦିଗକୁ ଦୃଷ୍ଟିରେ ରଖି ସରକାରଂକର ନୀତି ନିର୍ଧାରିତ ହୋଇ ଆସିଛି । ହଠାତ୍ ଏଥିରେ ପରିବର୍ତନର ଆବଶ୍ୟକତା ପଡୁଛି କାହିଁକି ? ଏହାକୁ ବୁଝିବାକୁ ହେଲେ ଟିକିଏ ପଛକୁ ଯିବାକୁ ପଡିବ । ଜଂଗଲ ଓ ଜଂଗଲଜାତ ଦ୍ରବ୍ୟ ଓଡ଼ିଶାର ରାଜନୀତିକୁ ଗତ ୪୦ ବର୍ଷ ଧରି ପ୍ରଭାବିତ କରି ଆସିଛି । ଜଂଗଲ ବେପାରୀମାନେ ଅଷ୍ଟମ ଦଶକ ପର୍ଯ୍ୟଂତ ଓଡ଼ିଶାର ରାଜନୀତିକୁ ଯେଭଳି ଭାବେ କବଳିତ କରି ରଖିଥିଲେ ତାହା ଯେ କୌଣସି ସ୍ୱାଭିମାନୀ ଓଡ଼ିଶାର ମନକୁ ଆତ୍ମଗ୍ଳାନିରେ ଭରିଦେବ ।

୧୯୮୦ ମସିହାରେ ନୂତନ କଂଗ୍ରେସ ସରକାର ଏହାର ଜାତୀୟକରଣ କରି ଏକ କ୍ରାଂତିକାରୀ ପରିବର୍ତନ ଆଣିବାକୁ ଉଦ୍ୟମ କଲେ । ମାମଲା ସୁପ୍ରିମକୋର୍ଟ ପର୍ଯ୍ୟଂତ ଗଲା । ସରକାର ଜିତିଲେ

## ଆମ ଘରର ହାଲଚାଲ

### ସୌମ୍ୟ ରଂଜନ ପଟ୍ଟନାୟକ

ସିନା, କିଂତୁ ପରବର୍ତୀ ସମୟରେ ସରକାରୀ କଳ ହାରିଗଲା । ଯେଉଁମାନଂକ ହାତରେ ଶାଳମଂଜି ସଂଗ୍ରହର ଦାୟିତ୍ୱ ନ୍ୟସ୍ତ କରାଗଲା ସେମାନେ ତାକୁ ସୁଚାରୁ ରୂପେ ତୁଲାଇ ପାରିଲେ ନାହିଁ । ସରକାର କ୍ଷତି ସହିଲେ, ଆଦିବାସୀ ଭାଇଭଉଣୀମାନେ ଉଚିତ ମୂଲ୍ୟ ପାଇଲେ ନାହିଁ କି ଏହାକୁ ଆଧାର କରି ଗଢ଼ି ଉଠିଥିବା ଶିଳ୍ପଗୁଡିକ ମଧ୍ୟ ଠିକ୍ ଭାବରେ ଚାଲିପାରିଲା ନାହିଁ । ଫଳରେ ସରକାର ତାଂକର ନୀତି ପରିବର୍ତନ କରିବା ପାଇଁ ବାଧ୍ୟ ହେଲେ । ନୂତନ ନୀତିରେ ଜଂଗଲଜାତ ଦ୍ରବ୍ୟର ମାଲିକାନା ସରକାରଂକ ହାତରେ ରହିଲା, କିଂତୁ ହିତାଧିକାରୀ ଶିଳ୍ପମାନଂକୁ ସହଯୋଗୀ ଭାବରେ ଗ୍ରହଣ କରି ସଂଗ୍ରହ କରିବାର ଅଧିକାର ଦିଆଗଲା । ଉଦ୍ଦେଶ୍ୟ ଥିଲା, ଯେହେତୁ ସେମାନଂକର କଂଚାମାଲ ଦରକାର ସେମାନେ ଅଧିକରୁ ଅଧିକ ସଂଗ୍ରହ କରିବେ, ସରକାର ରୟାଲଟି ପାଇବେ, ଆଦିବାସୀ ଭାଇଭଉଣୀମାନେ ଅଧିକ ମୂଲ୍ୟ ପାଇବେ, ସମସ୍ତେ ଖୁସିରେ ରହିବେ । ଏ ନୀତିରେ ଅନ୍ୟ ଏକ ଦିଗ ପ୍ରତି ମଧ୍ୟ ଦୃଷ୍ଟି ଦିଆଯାଇଥିଲା । କେହି ଯେପରି ଏକଚାଟିଆ ଅଧିକାର ସାବ୍ୟସ୍ତ ନକରେ, ସେଥିପାଇଁ ଏକାଧିକ ଶିଳ୍ପୋଦ୍ୟୋଗୀଂକୁ ନିଜର ଶିଳ୍ପାନୁଷ୍ଠାନର କ୍ଷମତା ଅନୁପାତରେ ସଂଗ୍ରହ ଅଧିକାର ଦିଆଯାଉଥିଲା । କାରଣ, ଅତୀତରେ ଏକଚାଟିଆ ଅଧିକାରର ତିକ୍ତ ଅନୁଭୂତି ସରକାରଂକର ଥିଲା ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଶାଳମଂଜି ଏକ ମୂଲ୍ୟବାନ ଜଂଗଲଜାତ ଦ୍ରବ୍ୟ । ଓଡ଼ିଶାକୁ ଛାଡିଦେଲେ କେବଳ ମଧ୍ୟପ୍ରଦେଶରେ ଏହା ସଂଗ୍ରହ ହୋଇଥାଏ । ପ୍ରତିବର୍ଷ ସମାନ ହାରରେ ଜଂଗଲରୁ ଶାଳ ମଂଜି ମିଳେ ନାହିଁ । ମଧ୍ୟପ୍ରଦେଶ ସରକାରଂକର ଏ ସଂପର୍କରେ ନୀତି ଅତ୍ୟଂତ ସ୍ୱଚ୍ଛ । ପ୍ରଦେଶ ବାହାରର କୌଣସି ଶିଳ୍ପାନୁଷ୍ଠାନକୁ ମଧ୍ୟପ୍ରଦେଶରୁ ସଂଗୃହୀତ ଶାଳମଂଜି ମିଳି ପାରେନାହିଁ । ଏ ଦୃଷ୍ଟିରୁ ଓଡ଼ିଶାର ଜଂଗଲରୁ ସଂଗୃହୀତ ଶାଳମଂଜି କେବଳ ଓଡ଼ିଶାରେ ପ୍ରତିଷ୍ଠିତ ଶିଳ୍ପାନୁଷ୍ଠାନ ଗୁଡିକୁ ମିଳିବା ଉଚିତ ଏବଂ ଏଥିରେ କାହାରି ଏକଚାଟିଆ ଅଧିକାର ରହିବା ଉଚିତ ନୁହେ । କିଂତୁ ସରକାର ଶାଳମଂଜି ସଂଗ୍ରହ ନୀତିରେ ଯେଉଁ ପରିବର୍ତନ କରିବାକୁ ଯାଉଛଂତି ତଦ୍ୱାରା ଓଡ଼ିଶା ବାହାରର ଏକ ନିର୍ଦ୍ଦିଷ୍ଟ ବ୍ୟବସାୟିକ ସଂସ୍ଥା ଯେ କେବଳ ଲାଭବାନ ହେବ ତା ନୁହେଁ, ଏ ବେପାରରେ କୌଣସି ଭୂମିକା ନଥାଇ ଟ୍ରାଇଫେଡ ପରି ସଂସ୍ଥାର ଅନାହୂତ ଏବଂ ଅନାବଶ୍ୟକ ପ୍ରବେଶ ଘଟିବ । ପରବର୍ତୀ ସମୟରେ ନିର୍ଦ୍ଦିଷ୍ଟ ବ୍ୟବସାୟିକ ସଂସ୍ଥାର ଏକଚାଟିଆ କାରବାର ପାଇଁ ଏହା ପଥ ସୁଗମ କରିବ ।

ଏସବୁ ବିଷୟ ମାନ୍ୟବର ମୁଖ୍ୟମଂତ୍ରୀଂକର ଦୃଷ୍ଟିକୁ ଅଣାଯାଇଛି କି ନାହିଁ ଆମକୁ ଜଣାନାହିଁ । ତେବେ ବିଗତ ଦିନଗୁଡିକରେ ମୁଖ୍ୟମଂତ୍ରୀଂକର ନିଷ୍ପତ୍ତି ନେବାର ଶୈଳୀକୁ ଦେଖିଲେ ମନେ ହେଉଛି ସେ ଏକ ଅସୁରକ୍ଷିତ ମନ ଓ ଅସ୍ଥିର ଚିତ୍ତକୁ ନେଇ କାର୍ଯ୍ୟ କରୁଛଂତି । ରାତି ୩ଟା ପର୍ଯ୍ୟଂନ୍ତ ଅଫିସରେ ଉଜାଗର ରହି ଯେଉଁ ନିଷ୍ପତ୍ତି ନିଆଯାଉଛି ପୁଣି ପରଦିନ ସକାଳେ ତାହା ପରିବର୍ତିତ ହେଉଛି । ଅଢ଼େଇ ମାସ ପରେ ମଧ୍ୟ ସରକାରୀ କଳ ଉପରେ ଯେଉଁ ନିୟଂତ୍ରଣ ରହିବା କଥା ତାହା ନାହିଁ । ସତେ ଯେପରି ନଥିବା କଥାକୁ ଅଛି ବୋଲି ପ୍ରମାଣିତ କରିବା ପାଇଁ ସବୁ ନିଷ୍ପତ୍ତି ନିଆଯାଉଛି । ନୀତି ପରିବର୍ତନ ସ୍ୱାଗତଯୋଗ୍ୟ ହେବ ଯଦି ଏହା ପଛରେ ଉଦ୍ଦେଶ୍ୟ ମହତ ଥିବ ଏବଂ ନୀତିକୁ କାର୍ଯ୍ୟକାରୀ କରିବାର ନିଷ୍ଠା ଓ ସାମର୍ଥ ଆମ ସରକାରୀ କଳରେ ଥିବ । ପରିବର୍ତନ ପାଇଁ ପରିବର୍ତନ ହେଲେ ସ୍ୱାଗତଯୋଗ୍ୟ ହେବ ନାହିଁ । ନୂଆ ମୁଖ୍ୟମଂତ୍ରୀ ନୂଆ କଥା କରିବା ପାଇଁ ବିକଳ ହେବା ସ୍ୱାଭାବିକ । କିଂତୁ ନୂଆ କଥା କରିବା ନାଁରେ ଶାଳମଂଜି ସଂଗ୍ରହ ନୀତିରେ ସେ ଯେଉଁ ପରିବର୍ତନ କରିବାକୁ ଯାଉଛଂତି ତାହା ନୀତି, ନିଷ୍ଠା ଓ ସାମର୍ଥ ଦୃଷ୍ଟିରୁ ଗ୍ରହଣୀୟ ହେବ ନାହିଁ ।